## ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ବାଲେଶ୍ୱର, ୧୯।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସଦର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ସାହୁପଡ଼ା ଛକ ନିକଟରେ ଏକ ଅଜଣା ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସକାଳ ୮ଟାରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର କୁଆଁରିଆ ସିଂ (୪୭)।

ସେ ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ଅଭିମୁଖେ ଏକ ବାଇକ୍‌ରେ ଆସୁଥିଲେ। ସାହୁପଡ଼ା ଛକ ନିକଟରେ ପଛଆଡୁ ଏକ ମାଲବାହୀ ଟ୍ରକ୍ ଦ୍ରୁତଗତିରେ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଖସି ପଳାଇଥିଲା। ଘଟଣାସ୍ଥଳରେ କୁଆଁରିଆଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ହାଳଦୀପଦା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# ମାତୃଭାଷାରେ ୮୩୫ ପରୀକ୍ଷାର୍ଥୀ ଅନୁପସ୍ଥିତ

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

ବାଲେଶ୍ୱର, ୧୯।୨ (ବାଞ୍ଛାନିଧି ଦେ)

ଗୁରୁବାରଠାରୁ ଆରମ୍ଭ ହୋଇଛି ୨୦୨୫-୨୬ ବର୍ଷର ମାଟ୍ରିକ ପରୀକ୍ଷା। ବାଲେଶ୍ୱର ଜିଲା ଅଧୀନ ୧୨ଟି ବ୍ଲକରେ ହୋଇଥିବା ୧୮୩ଟି ସେଣ୍ଟରରେ ପ୍ରଥମ ଦିନରେ ୮୩୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଚଳିତବର୍ଷ ୫୨୪ ବିଦ୍ୟାଳୟର ୩୧ହଜାର ୦୭୯ଜଣ ରେଗୁଲାର ଓ ଏକ୍ସ-ରେଗୁଲାର, ୩୧୫ଜଣ ମୁକ୍ତ ବିଦ୍ୟାଳୟ ଓ ୮୯୬ଜଣ ମଧ୍ୟମା ପରୀକ୍ଷାର୍ଥୀ ମିଶି ମୋଟ୍ ୩୨ହଜାର୨ଶହ ୯୦ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ନିମନ୍ତେ ଫର୍ମପୂରଣ କରିଥିଲେ। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ରେଗୁଲାର ଏବଂ ଏକ୍ସ-ରେଗୁଲାରରେ ୬୫୬, ମଧ୍ୟମାରେ ୧୪୨ ଓ ମୁକ୍ତ ବିଦ୍ୟାଳୟରେ ୩୭ଜଣ ପରୀକ୍ଷାର୍ଥୀ ମିଶି ମୋଟ୍ ୮୩୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ରେଗୁଲାର ଏବଂ ଏକ୍ସ-ରେଗୁଲାରରେ ସଦର ବ୍ଲକରେ ୬୫, ଖଇରା ଓ ଔପଦାରେ ୮୭, ଭୋଗରାଇରେ ୬୪, ଜଳେଶ୍ୱରରେ ୬୫, ବାଲିଆପାଳରେ ୯୭, ବସ୍ତାରେ ୫୫, ନୀଳଗିରିରେ ୬୨, ବାହାନଗାରେ ୩୯, ସିମୁଳିଆରେ ୨୫, ରେମୁଣାରେ ୪୨ ଓ ସୋରରେ ୫୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ।

ଜିଲାରେ ୧୨ଟି ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷାର ସୁପରିଚାଳନା ପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସମସ୍ତ କେନ୍ଦ୍ରରେ ସିସିଟିଭି ଲଗାଯାଇଛି। କପି ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୪ଟି ଏବଂ ବୋର୍ଡ ପକ୍ଷରୁ ୨ଟି ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ କହିଛନ୍ତି। ସେହିପରି ଦୃଷ୍ଟିହୀନ ପରୀକ୍ଷାର୍ଥୀଙ୍କ ପାଇଁ ଜିଲା ଶିକ୍ଷାବିଭାଗ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ସହ ରାଇଟର ସୁବିଧା କରାଯାଇଛି। ଜିଲା ଶିକ୍ଷାଧିକାରୀ ଡ. ନାୟକ ବିଭିନ୍ନ କେନ୍ଦ୍ର ପରିଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।


ବାଲେଶ୍ୱର ଜିଲା ସ୍କୁଲରେ ମାଟ୍ରିକ ପରୀକ୍ଷାର୍ଥୀ।

# ବିପୁଳ ପରିମାଣର ଚୋରା ବିଦ୍ୟୁତ୍ ତାର ଜବତ

ଜଳେଶ୍ୱର, ୧୯।୨ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ବରଡ଼ିହା ପଞ୍ଚାୟତ ବଣକାଟି ଗ୍ରାମ ନିକଟସ୍ଥ ଖେଳପଡ଼ିଆରୁ ପୋଲିସ ବିପୁଳ ପରିମାଣର ଚୋରା ବିଦ୍ୟୁତ୍ ତାର ଜବତ କରିଛି। ବଣକାଟି ଗ୍ରାମ ନିକଟରେ ଚୋରା ବିଦ୍ୟୁତ୍ ତାର ଗଚ୍ଛିତ ଥିବା ନେଇ ରାଇବଣିଆ ପୋଲିସକୁ ବୁଧବାର ଖବର ମିଳିଥିଲା। ରାଇବଣିଆ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ପୋଲିସ ଗାଡ଼ି ଦେଖି ଉପସ୍ଥିତ ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ସେଠାରୁ ବହୁ ପରିମାଣର ବିଦ୍ୟୁତ୍ ତାର ଜବତ କରି ଥାନାକୁ ଆଣିଛି। ଏହି ସମୟରେ ଏଏସ୍‌ଆଇ ରାମେଶ୍ୱର ସୋରେନ ସହିତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

ଜଳେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରୁ ଦୀର୍ଘଦିନ ଧରି ବିଦ୍ୟୁତ୍ ତାର ଚୋରି କରାଯାଇ ବଣକାଟି ଗ୍ରାମର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଉଥିଲା। ଚୋରମାନେ ଏହି ତାରଗୁଡ଼ିକୁ ତରଳାଇ ସେଥିରୁ ମୂଲ୍ୟବାନ ଧାତୁ ବାହାର କରି ବାହାରେ ଚଢ଼ା ଦରରେ ବିକ୍ରି କରିଆସୁଥିଲେ। ଏହି ର୍ୟାକେଟ୍‌ରେ ଅନେକ ଲୋକ ସାମିଲ ଥିବା ସନ୍ଦେହ କରାଯାଉଛି। ଫେରାର ହୋଇଯାଇଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ନିଜର ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ଏହି ଚୋରି ଘଟଣା ପଛରେ ଆଉ କେଉଁମାନଙ୍କର ହାତ ରହିଛି, ସେ ନେଇ ଆଇଆଇସି ଚମ୍ପାବତୀ ସୋରେନ ଅଧିକ ଛାନଭିନ୍ କରୁଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



# 'ମନୋବଳ ଦୃଢ଼ କର, ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ'

## ଗରସଙ୍ଗରେ ନୂତନ ବିଜେଡି ସଭାପତିଙ୍କ ସମ୍ବର୍ଦ୍ଧନା ସମାରୋହ

ଖଇରା, ୧୯।୨ (ଉତ୍କଳବନ୍ଧୁ ପଣ୍ଡା)

ଗତ ୨୪ବର୍ଷ ଧରି ବିଜେଡି ଲୋକଙ୍କ ସେବା କରିଆସିଛି। ପ୍ରତିଟି ସାହି, ଗଳିକନ୍ଦିରେ ବିଜେଡିର ବିକାଶର ଛାପ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ବି ଓଡିଶାବାସୀଙ୍କ ହୃଦୟ ଦେଇ ଭଲ ପାଉଛନ୍ତି। ବର୍ତ୍ତମାନର ଭାଜପା ସରକାର ଖଣି ଲୁଟ ସାଙ୍ଗକୁ ରଙ୍ଗବୋଲା କାର୍ଯ୍ୟରେ ବ୍ୟସ୍ତ । ୧୯ମାସ ମଧ୍ୟରେ ଲୋକଙ୍କ ଆସ୍ଥା ହରାଇ ସାରିଲାଣି। ଏହି ମହାଦ୍ରୁମ ସମ ବିଜେଡି ମାତ୍ର କିଛିଦିନ ଧରି ପତ୍ରଝଡା ଦେଇଥିଲା । ପୁଣି ପତ୍ର କଅଁଳିଲାଣି । ମନୋବଳ ସୁଦୃଢ଼ କର ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ଏବେଠାରୁ ପ୍ରସ୍ତୁତ ହୋଇ ରୁହ ବୋଲି ଖଇରା ବ୍ଲକର ଗରସଙ୍ଗଠାରେ ନୂତନ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ ଓ ଲୋକପ୍ରତିନିଧିମାନେ ଆହ୍ୱାନ ଦେଇଛନ୍ତି। ଜିଲା ପରିଷଦ ସଭ୍ୟା ପ୍ରତିନିଧି ନରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆର ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ୪ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଗଗନଧୂଳି ସରପଞ୍ଚ ମଦନମୋହନ ସାନ୍ତରା, ସୁଣ୍ଡିରା ସମିତିସଭ୍ୟ ନଳିନୀ ସାହୁ, କୃଷ୍ଣଚନ୍ଦ୍ର ଜେନା, ବିଜୟ ବାରିକ ଓ ମୋହନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତରୁ ଦଳୀୟ ନେତା ଓ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।


ବିଜେଡି ବ୍ଲକ ସଭାପତିଙ୍କ ସମ୍ବର୍ଦ୍ଧନା ସଭାରେ ବିଜେଡି ନେତୃବୃନ୍ଦ।

### ଆହତଙ୍କୁ ମେଡିକାଲରେ ପହଞ୍ଚାଇଲେ ପୂର୍ବତନ ବିଧାୟକ

ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ଗ୍ରାମର ତିଳୋତ୍ତମା ଦାସ ପୁଅକୁ ଟ୍ୟୁଶନରୁ ଆଣିବାକୁ ଯାଉଥିବା ବେଳେ ତାରିଣୀ ଛକ ନିକଟରେ ଦୀପୁ ଗୁଡୁ ନାମକ ଯୁବକ ପଛପଟୁ ଧକ୍କା ଦେଇଥିଲେ। ଗରସଙ୍ଗ ସଭା ସାରି ସେହି ସମୟରେ ସେହି ରାସ୍ତା ଦେଇ ଖଇରା ଯାଉଥିବା ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମାନବିକତା ଦେଖାଇ ଗାଡିରୁ ଓହ୍ଲାଇ ପାଖ ଗ୍ରାମବାସୀଙ୍କ ସହଯୋଗରେ ଆହତ ତିଳୋତ୍ତମାଙ୍କୁ ଖଇରା ମେଡିକାଲରେ ପହଞ୍ଚାଇଥିଲେ । ପାଣିଗ୍ରାହୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଗୋଟିଏ ରାତିରେ ୨ ମୋଟର ସାଇକେଲ ଚୋରି

ସିମୁଳିଆ, ୧୯।୨ (ସନ୍ତୋଷ ନାୟକ): ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୨କି.ମି. ଦୂର ଭଗିଆ ଅଞ୍ଚଳରୁ ୨ଟି ମୋଟର ସାଇକେଲ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଭଗିଆ ଅଞ୍ଚଳର ୱାର୍ଡମେମ୍ବର ଗୟାଧର ଦେବନାଥଙ୍କ ମୋଟର ସାଇକେଲ (ନଂ.ଓଡ଼ି୨୨-୬୭୫୯) ଓ ବାପୁନ୍ ଦେବନାଥଙ୍କ ମୋଟର ସାଇକେଲ (ନଂ. ଓଆର୍‌୦୧ଏମ୍-୬୪୩୬) ଚୋରି ହେବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି।

## ଅବକାରୀ ଚଢ଼ାଉ, ୨ ଗିରଫ

ବସ୍ତା, ୧୯।୨ (ହରିଶଙ୍କର ପାଢ଼ୀ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରି ବସ୍ତା ବ୍ଲକ ପୁଟୁରା ଗାଁର ୨ ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି ଓ ଦେଶୀ ମଦ ଜବତ ହୋଇଛି। ଗିରଫଦ୍ୱୟ ହେଲେ ପୁଟୁରାର ବିଜୟ କୁମାର ଘଡେଇ ଓ ହରିଶ ବଡୁ। ସେମାନଙ୍କ ବିରୋଧରେ ମାମଲା ରୁଜୁ ସହ କୋର୍ଟଚାଲାଣ କରାଯାଇଛି।

# ଜମିବାଡି ମାପଚୁପକୁ ନେଇ ରକ୍ତାକ୍ତ ସଂଘର୍ଷ

## ସମ୍ପର୍କୀୟ ଭାଇଙ୍କ ଭୁଜାଲି ମାଡ଼ରେ ଯୁବକ ଗୁରୁତର

ଜଳେଶ୍ୱର, ୧୯।୨ (ନବୀନ ସାହୁ)

ଜଳେଶ୍ୱର ଥାନା ଅଧୀନ ରାଜପୁର ବସ୍ତି ଅଞ୍ଚଳରେ ଜମିଜମା ବିବାଦକୁ ନେଇ ଜଣେ ବ୍ୟକ୍ତି ନିଜ ସମ୍ପର୍କୀୟ ଭାଇଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଯୁବକଜଣକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଦୀର୍ଘ ଦିନ ଧରି ଜମିବାଡ଼ି ମାପଚୁପକୁ ନେଇ ବିବାଦ ଲାଗିରହିଥିଲା। ଗ୍ରାମର ସେକ କରାମତ ଏହି ବିଷୟକୁ ନେଇ ଅସନ୍ତୋଷ ପ୍ରକାଶ କରିଆସୁଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ପୁଣି ଥରେ ମାପଚୁପକୁ ନେଇ ଉଭୟପକ୍ଷ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ହୋଇ ସେକ କରାମତ ଏକ ଧାରୁଆ ଭୁଜାଲିରେ ସମ୍ପର୍କୀୟ ଭାଇ ସେକ ସରାଫତଙ୍କୁ ଆକ୍ରମଣ କରିଥିଲେ। ଭୁଜାଲି ମାଡ଼ରେ ସରାଫତଙ୍କ ପେଟ ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି।

ସେକ ସରାଫତ କତାର୍‌ରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି ଏବଂ ମାତ୍ର ୩ ଦିନ ପୂର୍ବରୁ ଛୁଟିରେ ଘରକୁ ଫେରିଥିଲେ। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ତୁରନ୍ତ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ଥାନା ପୋଲିସ ତୁରନ୍ତ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଳତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଡାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

## ବିଜେଡିରେ ନୂତନ କର୍ମକର୍ତ୍ତା

# ମନୋଜ ଟାଉନ, ବସନ୍ତ ସଦର ବ୍ଲକ ସଭାପତି


ମନୋଜ ରାଉତ ଓ ବସନ୍ତ ପଣ୍ଡା।

ବାଲେଶ୍ୱର, ୧୯।୨ (ବାଞ୍ଛାନିଧି ଦେ): ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବାଲେଶ୍ୱର ଜିଲାର ସମସ୍ତ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ଅବସରରେ ବାଲେଶ୍ୱର ପୌରପରିଷଦର ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତଙ୍କୁ ବାଲେଶ୍ୱର ଟାଉନ ଏବଂ ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ ପଣ୍ଡାଙ୍କୁ ପୁଣି ଥରେ ସଦର ବ୍ଲକ ସଭାପତି ଭାବେ ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ମିଳିବା ପରେ ଉଭୟ ସଭାପତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଭୟଙ୍କ ନେତୃତ୍ୱରେ ସଙ୍ଗଠନ ସୁଦୃଢ଼ ହେବ ବୋଲି ପୂର୍ବତନ ବିଧାୟକ ସ୍ୱରୂପ ଦାସ ଆଶାବ୍ୟକ୍ତ କରିଛନ୍ତି।

# 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ଆରମ୍ଭ

## ଏଫ୍‌ଏମ୍‌ୟୁ ସାମାଜିକ କାର୍ଯ୍ୟ ବିଭାଗର ଗ୍ରାମୀଣ ଶିବିର

ବାଲେଶ୍ୱର, ୧୯।୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ଆନୁକୂଲ୍ୟରେ ନୀଳଗିରି ସିଆଡ଼ିମାଳ ପଞ୍ଚାୟତ ଅଧୀନ କୁମ୍ଭକ୍ଷେତ୍ର ପରିସରରେ ଗୁରୁବାର 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ନାମକ ଗ୍ରାମୀଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଆୟୋଜିତ ଏହି ଶିବିର ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବ।

ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜିକା ଡ. ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅଳଙ୍କାର ଜୁଏଲେରୀର ନିର୍ଦ୍ଦେଶିକା ଦର୍ଶନା ସାଗଭୀ, ମୁଖ୍ୟବକ୍ତା ଶିଳ୍ପୀ କେଶୁ ଦାସ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ପତିତପାବନ ସିଂ ଯୋଗଦେଇ ଗ୍ରାମୀଣ ଉନ୍ନତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସହାୟକ ଅଧ୍ୟାପିକା ସୁପ୍ରିୟା ରାଉତ ଶିବିର ମାଧ୍ୟମରେ ଛାତ୍ରୀଛାତ୍ରମାନେ କିପରି ପ୍ରାୟୋଗିକ ଜ୍ଞାନ ଅର୍ଜନ କରିବେ ସେ ଦିଗରେ ଆଲୋଚନା କରିଥିଲେ।

ସୂଚନା ମୁତାବକ, କୁମ୍ଭକ୍ଷେତ୍ର ସମେତ ୪ଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ଲୋକକଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ବିଭିନ୍ନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ବିବରଣୀ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ସହ ଅତିବାହିତ କରି ସେମାନଙ୍କ ରୀତିନୀତି, ପରମ୍ପରା ଓ ଖାଦ୍ୟପାନୀୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବ ଅର୍ଜନ କରିବେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ, ଏସଏଚଜି ସଦସ୍ୟାଙ୍କ ସହ ଆଲୋଚନା ଓ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ଆଦି କାର୍ଯ୍ୟକ୍ରମ ସଂଯୋଜିତ ହୋଇଛି।



ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

# 'ବରିଷ୍ଠମାନେ ଏକାଠି ହେଲେ ସମସ୍ୟାର ସମାଧାନ ହୋଇପାରିବ'

## ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ସିମୁଳିଆ, ୧୯।୨ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ସଭାପତି ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମେଧା ପ୍ରୋତ୍ସାହନ, ଦିବଙ୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୂପେ ବାଲିଖଣ୍ଡ କଲେଜର ବରିଷ୍ଠ ଅଧ୍ୟାପକ ସୁଧୀର କୁମାର ମୁଦୁଲି ଯୋଗଦେଇ ପ୍ରତ୍ୟେକ ମନୁଷ୍ୟ ଏ ଧରାପୃଷ୍ଠକୁ କାହିଁକି ଆସିଥିଲେ ଏହାର ତର୍ଜମା କରିବା ସହିତ ଯିଏ ଯେଉଁ ନାମରେ ଜନ୍ମ ହୋଇଥାଆନ୍ତି, ସିଏ ସେହି ଅନୁସାରେ କାମ କରନ୍ତି ବୋଲି କହିଥିଲେ। ଅତିଥି ରୂପେ ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଦାମୋଦର ନାୟକ ବକ୍ତବ୍ୟରେ ନିଜ ସମସ୍ୟା ନିଜ ପାଖରେ ଥାଏ, ଏହାକୁ ପ୍ରକାଶ କଲେ କମିଥାଏ, ବରିଷ୍ଠମାନେ ଏକାଠି ହେଲେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାସଚନ୍ଦ୍ର ମହାପାତ୍ର ବରିଷ୍ଠମାନଙ୍କ ପାଇଁ ବିଭିନ୍ନ ନୀତିନିୟମ, ପ୍ରଶାସନର ଅବହେଳା, ଟୋଲ ଫ୍ରି ନମ୍ବର ୧୪୫୬୭ରେ ଅଭିଯୋଗ ସମ୍ପର୍କରେ ସୂଚନା ଦେବା ସହିତ ନିଜ ପିଲାମାନଙ୍କ ନିକଟରୁ ଅବହେଳିତ ହେଲେ ପୂର୍ବରୁ କରିଥିବା ଜମିବାଡିର ଦଲିଲ ପ୍ରଶାସନ ରଦ୍ଦ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା, ଅଧ୍ୟାପିକା ରାଧାରାଣୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ କାମିନୀଲତା ସେଠୀ, ସମିତିସଭ୍ୟ ମାନସ ରଞ୍ଜନ ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଶତାୟୁ' ଲୋକାର୍ପିତ ହୋଇଥିଲା । ବରିଷ୍ଠ ନାଗରିକ ରମାକାନ୍ତ ଜେନା ପରିବାରରେ ବରିଷ୍ଠମାନଙ୍କୁ ଅବହେଳା ସମ୍ପର୍କରେ ଏକକ ଅଭିନୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କ ସମେତ ୧୭ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା । ଶରତଚନ୍ଦ୍ର ନାୟକ ମାନପତ୍ର ପାଠ, ବଙ୍କବିହାରୀ ରାଉତ ମଞ୍ଚ ଆହ୍ୱାନ, ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ୨୭୦ଜଣ ବରିଷ୍ଠ ନାଗରିକ ସହଯୋଗୀ ଥିଲେ।


ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଶତାୟୁ' ଲୋକାର୍ପଣ କରାଯାଉଛି।

